# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 March - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ
- ସାଧାରଣ ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ରାଜ୍ୟସ୍ତରୀୟ ପ୍ରବର୍ତ୍ତନ କମିଟି ବୈଠକରେ ନିଆଗଲା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ
- ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ଏବଂ

- ରାଜ୍ୟର ପଶ୍ଚିମ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଭାଗର ଜିଲ୍ଲାଗୁଡ଼ିକରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ; ପାଣିପାଗ ବିଭାଗର ସୂଚନା

## ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ - ବିଜ୍ଞପ୍ତି

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନ ନିମନ୍ତେ ଏପ୍ରିଲ ୨୬ ତାରିଖରେ ଭୋଟ ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ, ଜମ୍ମୁ କଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ବ୍ୟତୀତ ମଣିପୁରର ଗୋଟିଏ ଆସନ ରହିଛି ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲର ଗତକାଲି ଶେଷ ଦିନ ଥିଲା । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନପାଇଁ ଆସନ୍ତା ମାସ ୧୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।

## ସମନ୍ୱୟ ବୈଠକ

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରୀୟ ପ୍ରବର୍ତ୍ତନ କମିଟିର ଏକ ସମନ୍ୱୟ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡାକଡି ପାଳନ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଆଇନ୍ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାରେ

ରହିଥିବା ଯାଞ୍ଚ ଓ ଚଢ଼ଉ ଉପ୍ରରେ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ । ଆନ୍ତଃ-ରାଜ୍ୟ ସୀମାରେ ପୋଲିସ ଚେକ୍‌ପୋଷ୍ଟ, ଅବକାରୀ ଚେକ୍‌ପୋଷ୍ଟ, ଜଙ୍ଗଲବିଭାଗ ଚେକ୍‌ପୋଷ୍ଟ ଭଳି ସ୍ଥାନଗୁଡ଼ିକରେ କଡ଼ା ନଜର ରଖିବା ସହିତ ବେଆଇନ୍ ନଗଦ ଟଙ୍କା କାରବାର ଉପରେ ଦୃଷ୍ଟି ରଖିବାମପାଇଁ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

## ନିର୍ବାଚନ-ଝାରସୁଗୁଡ଼ା

**ଝାରସୁଗୁଡ଼ା** ଜିଲ୍ଲାରେ ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମଇ ମାସ ୨୦ ତାରିଖରେ ଭୋଟ୍‌ଗ୍ରହଣ ହେବ। ଝାରସୁଗୁଡ଼ା ଜିଲ୍ଲା ଅଧୀନରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି।

ଜିଲ୍ଲାରେ ମତଦାନ ଲାଗି ମୋଟ୍ ୫୧୫ଟି ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୮୦ଟି ସମ୍ପୂର୍ଣ୍ଣ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖୀ ମତଦାନ କେନ୍ଦ୍ର କରାଯାଇଛି। ସେହିଭଳି ୧୦୩ଟି ଆଦର୍ଶ ମତଦାନ କେନ୍ଦ୍ର, ୧୦ଟି ଯୁବ ମତଦାନ କେନ୍ଦ୍ର ଏବଂ ୪ଟି ଭିନ୍ନକ୍ଷମ ମତଦାନ କେନ୍ଦ୍ର ପ୍ରଶାସନ ତରଫରୁ କରାଯାଇଛି। ଜିଲ୍ଲାର ମୋଟ ମତଦାତାଙ୍କ ସଂଖ୍ୟା ୪ ଲକ୍ଷ ୪୩ ହଜାର ୩୫ଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୨ ହଜାର ୧୬୦ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୦ ହଜାର ୮୦୦ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୭୫ ଜଣ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ତି। ନିର୍ବାଚନର ସୁପରିଚାଳନା ପାଇଁ

ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏ ସମ୍ପର୍କରେ ଆମ ଝାରସୁଗୁଡ଼ା ସମ୍ବାଦଦାତାଙ୍କ ରିପୋର୍ଟ :

# - V/O –

## ନିର୍ବାଚନମଣ୍ଡଳୀ – କେନ୍ଦୁଝର

କେନ୍ଦୁଝର ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ’ ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏଥିରେ କେନ୍ଦୁଝର ସଂସଦୀୟ କ୍ଷେତ୍ର ସମେତ ଜିଲ୍ଲାର ସମସ୍ତ ୬ଟି ବିଧାନସଭା ଓ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ଲାଗି ମେ’ ୨୫ରେ ମତଦାନ ଅନୁଷ୍ଠିତ ହେବ।

ଏଥିଲାଗି ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମେ’ ୬ ରଖାଯାଇଥିବାବେଳେ ୭ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ୧୩ ଲକ୍ଷ ୭୧ ହଜାର ୬୬୧ ଜଣ ମତଦାତା ରହିଛନ୍ତି। ସେଥିମଧ୍ୟରୁ ୬ ଲକ୍ଷ ୮୩ ହଜାର ୫୧୫  ଜଣ ପୁରୁଷ ଭୋଟର, ୬ ଲକ୍ଷ ୮୮ ହଜାର ୬୦ ଜଣ ମହିଳା ଏବଂ ୮୬ ଜଣ ଅନ୍ୟାନ୍ୟ ବର୍ଗ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ହଜାର ୪୮୪ ଜଣ ଦିବ୍ୟାଙ୍ଗ ଭୋଟର ଥିବାବେଳେ ୩୫ ହଜାର ୫୩୬ ଜଣ ଯୁବ ଭୋଟର ଓ ୮୦ ବର୍ଷ ବୟସରୁ ଅଧିକ ୨୦ ହଜାର ୫ ଜଣ ଭୋଟର ଅଛନ୍ତି।

ଜିଲ୍ଲାରେ ୬ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ସମେତ ୧ ହଜାର ୭୨୦ଟି ବୁଥରେ  ୧୨ ହଜାର ୩୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ,

ସ୍ୱତନ୍ତ୍ର ଭାବେ ୧୭୪ଟି ସଖୀ ବୁଥ୍, ୩୦ଟି ଯୁବ ବୁଥ, ୩ଟି ଭିନ୍ନକ୍ଷମ ବୁଥ, ଏବଂ ଗୋଟେ ଏଥନିକ ବୁଥ କରାଯାଇଛି।

## ଟୋଲ୍‌ପ୍ଲାଜା-ନିତିନ୍ ଗଡକରୀ

ଜାତୀୟ ରାଜପଥଗୁଡ଼ିକରୁ ଟୋଲ୍ ସଂଗ୍ରହ ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯିବ ବୋଲି କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ୍ ଗଡକରି କହିଛନ୍ତି। ସାଟେଲାଇଟ୍‌ର ଉପଯୋଗ କରି ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ତାଙ୍କ ମନ୍ତ୍ରଣାଳୟ ପଦକ୍ଷେପ ନେଉଛି ବୋଲି ମନ୍ତ୍ରୀ ଶ୍ରୀ ଗଡକରି କହିଛନ୍ତି। ଜାତୀୟ ରାଜପଥଗୁଡ଼ିକରୁ ଟୋଲ୍ ସଂଗ୍ରହ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ୨୦୨୪ ମାର୍ଚ୍ଚ ସୁଦ୍ଧା ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## ପିଏମ୍‌ଶ୍ରୀ ସ୍କୁଲ ଯୋଜନା

ରାଜ୍ୟର ସରକାରୀ ସ୍କୁଲ ମାନଙ୍କରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଶିକ୍ଷା ମନ୍ତ୍ରଣାଳୟ ସହିତ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ଗଣଶିକ୍ଷା ବିଭାଗ ପକ୍ଷରୁ ବୁଝାମଣା ସ୍ୱାକ୍ଷରିତ ହେବା ପରେ ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସ୍କୁଲଗୁଡ଼ିକରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରାଯିବ ।

## ରିଜର୍ଭ ବ୍ୟାଙ୍କ-ଛୁଟି

ଚଳିତ ଆର୍ଥିକ ବର୍ଷର ଶେଷ ଦୁଇ ଦିନ ୩୦ ଓ ୩୧ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଗୁଡିକ ଖୋଲା ରହିବ । ଏହି ଦୁଇଦିନ ଶନିବାର ଏବଂ ରବିବାର ଥିଲେ ମଧ୍ୟ ସରକାରୀ ଦେୟ ଓ ପୈଠକୁ

ସୁବିଧାଜନକ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସେହିପରି ଚଳିତମାସର ଶେଷ ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ କହିଛି। ଆସନ୍ତାକାଲି ଗୁଡ ଫ୍ରାଇଡେ ଯୋଗୁଁ ମଧ୍ୟ ବ୍ୟାଙ୍କ ଛୁଟି ରହିବ।

## ବିଜ୍ଞାପନ ସମ୍ବନ୍ଧୀୟ ନ୍ୟୁଜ୍

ଆଗାମୀ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ସମ୍ବନ୍ଧୀୟ ବିଜ୍ଞାପନଗୁଡିକୁ ପ୍ରମାଣୀକୃତ କରିବା ଏବଂ ପେଡ ନ୍ୟୁଜଗୁଡ଼ିକୁ ତଦାରଖ କରିବା ନିମନ୍ତେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରରେ ମିଡ଼ିଆ ସାର୍ଟିଫିକେସନ ଓ ମନିଟରିଂ କମିଟି (ଏମସିଏମସି) ଗଠନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ଅଫିସ୍ କାର୍ଯ୍ୟକରୁଛି।

## ପିଏଚ୍‌ଡି-ନାମଲେଖା

ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଯୋଗ୍ୟତା ପରୀକ୍ଷା **ଏନ୍‌ଟିଇ** ଦେବାକୁ ପଡିବ। ଜାତୀୟ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ଦ୍ୱାରା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ- ୟୁଜିସି ଏହି ପରୀକ୍ଷା ପରିଚାଳନା କରିବ। ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ ଜାତୀୟ ଟେଷ୍ଟିଂ ଏଜେନ୍ସିର ସ୍କୋର୍ ମାଧ୍ୟମରେ ଛାତ୍ରଛାତ୍ରୀ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଆସନ୍ତା ଜୁନ୍ ମାସରୁ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ୟୁଜିସି ପକ୍ଷରୁ ସୂଚନା ମିଳିଛି।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଗ ଶୁଖିଲା ରହୁଥିବାରୁ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପଶ୍ଚିମ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୮ ରୁ ୪୦ ଡିଗ୍ରୀ ଏବଂ ଉପକୂଳ ଓ ଉତ୍ତର ଓଡ଼ିଶାର ତାପମାତ୍ରା ୩୬ ରୁ ୩୮ ଡିଗ୍ରୀ ମଧ୍ୟରେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସୂଚନା ଅନୁସାରେ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି।

*********************************